ସକାଳ
THE SAKALA



# ସରବାହାଲ ଗୁଳିକାଣ୍ଡ ଘଟଣା; ଅଭିଯୁକ୍ତ ଗିରଫ

## ବନ୍ଧୁକ ଓ ଗୁଳି ଜବତ

ଝାରସୁଗୁଡ଼ା, ୨୨।୩(ସମିସ)

ଝାରସୁଗୁଡା ସରବାହାଲ ତଳିପଡ଼ା ଅଞ୍ଚଳରେ ଘଟିଥିବା ଗୁଳିକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ଘଟଣାର ୨୪ ଘଣ୍ଟାରେ ଗିରଫ କରିବାରେ ଝାରସୁଗୁଡା ପୋଲିସ ସକ୍ଷମ ହୋଇଛି। ଏନେଇ ଝାରସୁଗୁଡା ଟାଉନ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଉମାଶଙ୍କର ସିଂ ରବିବାର ସୂଚନା ଦେଇଛନ୍ତି। ଅଭିଯୁକ୍ତ ଜଣକ ସମ୍ବଲପୁର ଜିଲ୍ଲା ଶାସନ ଥାନା ଅନ୍ତର୍ଗତ କିଲାସମା ଗ୍ରାମର ଲୋକେଶ କୁମାର ପଧାନ (୪୦)। ଅଭିଯୁକ୍ତ ନିକଟରୁ ଗୋଟିଏ ଦେଶୀ ପିସ୍ତଲ, ୯ ରାଉଣ୍ଡ ଜୀବନ୍ତ ଗୁଳି ଓ ଘଟଣାସ୍ଥଳରୁ ଖାଲି ଖୋକା, ଅପରାଧରେ ବ୍ୟବହୃତ ମୋଟରସାଇକେଲ ଓ ମୋବାଇଲ୍ ଫୋନ୍ ଜବତ କରିଥିବା ବେଳେ ଅଭିଯୁକ୍ତ ନିଜର ପୋଷାକକୁ ପ୍ରମାଣ ନଷ୍ଟ ପାଇଁ ଜଳାଇ ଦେଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ବଡ଼ମାଲ ଅଞ୍ଚଳରେ ପୂର୍ବରୁ ଘଟିଥିବା ଏକ ମାମଲାରେ ଅଭିଯୁକ୍ତର ପୁଅର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଗୁଳି ବାଜିଥିବା ମହିଳାଙ୍କ ନାବାଳକ ପୁଅର ସମ୍ପୃକ୍ତି ଥିବା ସନ୍ଦେହ କରି ପ୍ରତିଶୋଧ ପରାୟଣ ହୋଇ ଲୋକେଶ ଏଭଳି କାଣ୍ଡ ଘଟାଇଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଏସ୍‌ଡିପିଓ କହିଛନ୍ତି। ଅଭିଯୁକ୍ତକୁ ରବିବାର ଟାଉନ ଥାନାର ମାମଲା ନମ୍ବର ୧୭୨/୨୬ ଅନୁସାରେ କୋର୍ଟ ଚାଲାଣ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ମାର୍ଚ୍ଚ ୨୦ ତାରିଖ ଅର୍ଥାତ୍ ଶୁକ୍ରବାର ରାତି ୯ଟା ୩୦ ସମୟରେ ସରବାହାଲର ତଳିପଡ଼ା ଅଞ୍ଚଳରେ ଅଭିଯୁକ୍ତ ଏକ ବନ୍ଧୁକ ଧରି ଜଣେ ମହିଳାଙ୍କ ଘରେ ପଶିଥିଲା। ମହିଳା ଜଣକ ସୋଫାରେ ଶୋଇଥିବା ଅବସ୍ଥାରେ ଅଭିଯୁକ୍ତ ତାଙ୍କ ଉପରକୁ ଗୁଳି ଚଳାଇଥିଲା। ପୀଡ଼ିତା ମହିଳା ଜଣକ ପ୍ରାୟ ଚାରି ମାସର ଗର୍ଭବତୀ ରହିଥିବା ନେଇ ଜଣାପଡ଼ିଥିଲା। ଗୁଳି ଶବ୍ଦ ଶୁଣି ମହିଳାଙ୍କ ସ୍ୱାମୀ ସେଠାକୁ ଦୌଡ଼ି ଆସିବାରୁ ଅଭିଯୁକ୍ତ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲା। କେହି ଯେପରି ସାହାଯ୍ୟ କରିପାରିବେ ନାହିଁ, ସେଥିପାଇଁ ବାହାରୁ କବାଟ ବନ୍ଦ କରି ଫେରାର ହୋଇଯାଇଥିଲା। ଗୁରୁତର ଆହତ ମହିଳାଙ୍କୁ ପ୍ରଥମେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ଭିମସାର୍‌କୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।





## ଦାଉ ସାଜିଲା କାଳ ବୈଶାଖୀ

# ଡାଲି ଜାତୀୟ ଶସ୍ୟ ନଷ୍ଟହେବା ଆଶଙ୍କାରେ ଚାଷୀ

**ଧର୍ମଗଡ଼, ୨୨।୩(ସମିସ):** ଗତ କିଛିଦିନ ହେବ ଧର୍ମଗଡ଼ ଅଞ୍ଚଳରେ କାଳ ବୈଶାଖୀ ତାଣ୍ଡବ ରଚିଛି। ହଠାତ ବର୍ଷା ସାଙ୍ଗକୁ ପବନ, ଘଡ଼ଘଡ଼ିରେ ଅସ୍ତବ୍ୟସ୍ତ ହୋଇପଡ଼ିଛି ଜନଜୀବନ। ବର୍ତ୍ତମାନ ଚାଷୀ ଧାନ ଅମଳ କରି ସେହି ଜମିରେ ଡାଲି ଜାତୀୟ ଶସ୍ୟ ଚାଷ କରିଛି। ଧର୍ମଗଡ଼ ଅଞ୍ଚଳରେ ପ୍ରାୟ ୨୮ ପ୍ରତିଶତ ଜମିରେ ମୁଗ, ହରଡ଼, କୁଳଥ ଆଦି ଚାଷ ହୋଇଛି। ସେଥିମଧ୍ୟରୁ ପ୍ରାୟ ୧୫ ପ୍ରତିଶତ ଚାଷ ଚାଷୀ ଅମଳ କରିଥିବା ଅନୁମାନ କରାଯାଏ। ହେଲେ ବଳକା ରହିଥିବା ଚାଷ ଏବେ ମଧ୍ୟ ଚାଷ ଜମିରେ ପଡ଼ି ରହିଛି। ଯାହା କାଳ ବୈଶାଖୀ ଯୋଗୁଁ ନଷ୍ଟ ହେବା ଆଶଙ୍କା ଉପୁଜିଥିବା ବେଳେ ଚାଷୀ ଏବେ ଡାଲେଣିରେ ପଡ଼ିଛି। ଶନିବାର ଠାରୁ ଅଞ୍ଚଳରେ ପାଗର ପରିବର୍ତ୍ତନ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଚାଷୀ ଜମିରୁ ଅମଳ କରିବାରେ ଲାଗି ପଡ଼ିଛି। ମୁଗ କୁଇଣ୍ଟାଲ ପ୍ରତି ୭ହଜାରରୁ ୭୫୦୦, ବୁଟଚଣା ୫୮୦୦-୬୨୦୦, ଚଣା-୨୫୦୦-୨୮୦୦, କୁଳଥ -୫୦୦୦-୫୬୦୦, ହରଡ଼-୭୫୦୦-୮୦୦୦ ହଜାର ଟଙ୍କା ରେ ବିକ୍ରି ହୋଉଥିବା ଚାଷୀମାନେ ପ୍ରକାଶ କରନ୍ତି। ତେବେ ସିଧାସଳଖ ବିକ୍ରି କରିବାର କୌଣସି ବ୍ୟବସ୍ଥା ନ ଥିବା ଯୋଗୁଁ ଚାଷୀ ମାନେ ଦଲାଲ କିମ୍ବା ସ୍ଥାନୀୟ ଦୋକାନରେ ବିକ୍ରି କରି କ୍ଷତି ସହୁ ଥିବା କହୁଛନ୍ତି। ସରକାରୀସ୍ତରରେ ଧାନ ଭଳି ଡାଲି ଜାତୀୟ ଶସ୍ୟ ପାଇଁ ମଣ୍ଡି ବ୍ୟବସ୍ଥା କଲେ ଚାଷୀ ଉପକୃତ ହୋଇ ପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଏ।



# ବଚ୍‌ପନ୍ ଓ ଏକାଡେମିକ୍ ହାଇଟ୍ସ ପବ୍ଲିକ ସ୍କୁଲରେ ଇଦ୍ ପାଳିତ

**ଭବାନୀପାଟଣା, ୨୨।୩ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବଚ୍‌ପନ୍ ଓ ଏକାଡେମିକ୍ ହାଇଟ୍ସ ପବ୍ଲିକ ସ୍କୁଲରେ ପବିତ୍ର ଇଦ୍ ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ପରିବେଶକୁ ରଙ୍ଗୀନ ପୋଷ୍ଟର ଓ ଆଲୋକରେ ସୁସଜ୍ଜିତ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନେ ପାରମ୍ପରିକ ପୋଷାକ ପିନ୍ଧି ଅଂଶଗ୍ରହଣ କରିଥିଲେ। 'ଇଦ୍ ମୁବାରକ୍'ର ଶୁଭେଚ୍ଛା ବିନିମୟ କରି ସମସ୍ତେ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ।

# ୨୪ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

**ଝାରସୁଗୁଡା, ୨୨।୩(ସମିସ):** ଝାରସୁଗୁଡା ସଦର ବ୍ଲକ କେ. କଣ୍ଟାପାଲିଠାରେ ୨୪ ପ୍ରହର ନାମଯଜ୍ଞ ପାଇଁ ରବିବାର ସନ୍ଧ୍ୟାରେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଳସ ଯାତ୍ରାରେ କର୍ତ୍ତା ଚୂଡ଼ାମଣି ପ୍ରଧାନ, ସଂଯୁକ୍ତା ପ୍ରଧାନ, ପୂଜକ ଗୋପାଳ ଦାସଙ୍କ ସହିତ ଗ୍ରାମର ଶତାଧିକ ମହିଳା ପୁରୁଷ ଯୋଗ ଦେଇଥିଲେ। ଗ୍ରାମର ଅବଧୁତ ପ୍ରଧାନ, ଅମୂଲ୍ୟ ପ୍ରଧାନ, ଶରତ ସା, ଶୈବ ପଟେଲ, ପୁଷ୍ପଜିତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଏହି ନାମଯଜ୍ଞ ସୋମବାର ଠାରୁ ଆରମ୍ଭ ହୋଇ ବୁଧବାର ସମାପନ ହେବ।

# ମିଶନ ଆଶ୍ରାରେ ମେହେନ୍ଦୀ ପ୍ରଶିକ୍ଷଣ ଶିବିର

**ଝାରସୁଗୁଡା, ୨୨।୩(ସମିସ):** ଭାରତ ବିକାଶ ପରିଷଦ ଝାରସୁଗୁଡ଼ା ଶାଖା ମହିଳା ସହଭାଗିତାରେ ସ୍ଥାନୀୟ ମିଶନ ଆଶ୍ରାରେ ମାନସିକସ୍ତରରେ ସକ୍ଷମ ହୋଇ ସାରିଥିବା ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ରବିବାର ଏକ ମେହେନ୍ଦି ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ତଥା ସମାଜସେବୀ ଓ ସୁଲେଖିକା ନନ୍ଦିନୀ ପଟେଲଙ୍କୁ ଏହି ଅବସରରେ ବିଶେଷ ଭାବେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମହିଳା ସଂଯୋଜିକା ମାନସୀ ପଣ୍ଡାଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ପ୍ରିୟା ରାୟ, ସସ୍ମିତା ପଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ। ମିଶନ ଆଶ୍ରାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ବନ୍ଧବାହାଲ ଶିଶୁମନ୍ଦିରରେ କଣ୍ଢେଇ ଦିବସ

**ଇବଥର୍ମାଲ, ୨୨।୩ (ସମିସ):** ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନଆଚାର୍ଯ୍ୟ ଅରୁଣ ସାହୁଙ୍କ ଅଧ୍ୟକ୍ଷତାରେ କଣ୍ଢେଇ ଦିବସ ପାଳନ ହୋଇଛି। ଶିଶୁ ବାଟିକା ବିଭାଗ ପକ୍ଷରୁ ୯୭ଜଣ କୁନିକୁନି ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାରର ତଥା ତନ୍ତୁ, ମାଟି, ଉଲ, କାଗଜ, କାଠରେ ତିଆରି କଣ୍ଢେଇ ନେଇ ଖୁସି ମନରେ ବିଦ୍ୟାଳୟ ପରିସରରେ ପହଞ୍ଚିଥିଲେ। ସେଥିମଧ୍ୟରୁ ୭୬ଟି କଣ୍ଢେଇ ହାତ ତିଆରି ଥିଲା। ସ୍ଥାନୀୟ ସମ୍ବାଦକ ଅଶୋକ ପାଢ଼ୀ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଦସ୍ୟା ଗୀତାରାଣୀ ମେହେର ଉପସ୍ଥିତ ଥିଲେ। ପ୍ରଧାନଆଚାର୍ଯ୍ୟ ଶ୍ରୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିଶୁ ବାଟିକା ପ୍ରମୁଖ ରୋଜାଲି ହୋତା ଗୁରୁମା 'କଣ୍ଢେଇ ଦିବସ" ପାଳନର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଶିଶୁ ମାନଙ୍କ ସହଯୋଗରେ ଗୁରୁଜୀ ସିମାଞ୍ଚଳ ଜେନା କଣ୍ଢେଇ ନାଚ ଦେଖାଇଥିଲେ। ଶିଶୁର ସ୍ୱଭାବକୁ ଜାଣିବା ପାଇଁ ଖେଳନା ନିହାତି ଆବଶ୍ୟକ। ଶିଶୁ ଖେଳନା କଳ୍ପନା, ନିରୀକ୍ଷଣ, ସମସ୍ୟା ସମାଧାନ ଏବଂ ସୃଜନଶୀଳତାର ବିକାଶ ହୁଏ ବୋଲି ପ୍ରଧାନ ଆଚାର୍ଯ୍ୟ କହିଥିଲେ। ଶେଷରେ ପ୍ରାୟ ୮୦ରୁ ଅଧିକ ପ୍ରକାର କଣ୍ଢେଇ ମାନଙ୍କର ଏକ ପ୍ରଦର୍ଶନୀ କରାଯାଇଥିଲା। ଏଥିରେ ଗୁରୁମା ପ୍ରଜ୍ଞା ଦାସ, ରୁପମା ଗୁପ୍ତା, ରଶ୍ମିତା ପାଢ଼ୀ, ରଶ୍ମିତା ସେଟ୍, ପୂଜା ମେହେର ଓ ସେବିକା ଅନୀତା ପଧାନ ସହଯୋଗ କରିଥିଲେ।

# ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

**ଝାରସୁଗୁଡା, ୨୨।୩ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଚନ୍ଦନୀଛକ ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଜଣେ ପୂର୍ବତନ ଶିକ୍ଷୟିତ୍ରୀଙ୍କ ବେକରୁ ୨ ଦୁର୍ବୃତ୍ତ ସୁନାଚେନ୍ ଝାମ୍ପିନେଇ ଚମ୍ପଟ ମାରିଛନ୍ତି। ପୂର୍ବତନ ଶିକ୍ଷୟିତ୍ରୀ ମଞ୍ଜୁ ତିବାରି ସାଇ ମନ୍ଦିରରୁ ନବରାତ୍ରି କିର୍ତ୍ତନ ସାରି ଫେରିବା ସମୟରେ ଦୁଇଜଣ ଦୁର୍ବୃତ୍ତ ଏକ କଳାରଙ୍ଗର ବାଇକରେ ଆସି ତାଙ୍କ ବେକରୁ ସୁନା ଚେନ୍ ଲୁଟି ଫେରାର ମାରିଥିଲେ। ଏନେଇ ସେ ବ୍ରଜରାଜନଗର ଥାନାରେ ଅଭିଯୋଗ କରିବା ପରେ ଥାନା ଅଧିକାରୀ ଧବଳେଶ୍ୱର ସାହୁଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଅଞ୍ଚଳର ସିସିଟିଭି ଯାଞ୍ଚ କରି ପୁଲିସ ତଦନ୍ତ ଆରମ୍ଭ କରିଛି। ସିସିଟିଭିରେ ଦୁଇ ଦୁର୍ବୃତ୍ତ ମୁହଁରେ ହେଲମେଟ ଓ ଗାମୁଛା ଗୁଡାଇ ବାଇକ୍‌ରେ ଆସି ଲୁଟ୍ କରିଥିବା ଦେଖିବାକୁ ମିଳିଛି। ଦୁଇ ଦୁର୍ବୃତ୍ତ ସ୍ଥାନୀୟ ଅଞ୍ଚଳର ହୋଇନଥିବା ବେଳେ ଛତିଶଗଡ଼ ଅଞ୍ଚଳରୁ ଆସି ଏହି ଲୁଟ କରିଥିବା ନେଇ ସନ୍ଦେହ କରାଯାଉଛି। ଦୋଷୀଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଥିବା ନେଇ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।



# ଗଛପଡ଼ି ଭାଙ୍ଗିଲା ଘର; ବର୍ତ୍ତିଲେ ପରିବାର



**ଲାଞ୍ଜିଗଡ଼, ୨୨।୩(ସମିସ):** ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ପଞ୍ଚାୟତସ୍ଥିତ ଡୁମେରମୁଣ୍ଡା ଗାଁର ସଜମନ ହରପାଳଙ୍କ ଘର ଉପରେ ଏକ ଶାହାଜ ଗଛ ପଡ଼ିଯାଇଛି। ଏଥିରେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନାଯୋଗ୍ୟ ସଜମନ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ବେଳେ ଘରେ ତାଙ୍କ ସ୍ତ୍ରୀ ଓ ପୁଅ ରହୁଛନ୍ତି। ସଜମନଙ୍କ ଦୁଇଟି ବଖରା ଘର ରହିଥିବା ବେଳେ ସେ ପାଖରେ ଏକ ବିରାଟ ସୁଖିଲା ଶାହାଜ ଗଛ ରହିଥିଲା; ସେହି ଗଛ ମୂଳରେ ସକାଳୁ କିଏ ଜଣେ ଦୃର୍ବୃତ୍ତ ନିଆଁ ଲଗେଇ ଦେଇଥିବାବେଳେ ଗଛ ମୂଳରୁ ଉପୁଡି ପଡ଼ିବାରୁ ଘର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି। ସଜମନଙ୍କ ସ୍ତ୍ରୀ ଓ ପୁଅ ବାରଣ୍ଡାରେ ସୋଇଥିବା ଥିବାରୁ ଏହି ଦୁର୍ଘଟଣାରୁ ବର୍ତ୍ତି ଯାଇଥିବାବେଳେ ଘରର ଆସବାବପତ୍ର ସବୁ ଭାଙ୍ଗିଯାଇଛି।

# ମାଂସ ଭାଗବଣ୍ଟାକୁ କେନ୍ଦ୍ରକରି ଯୁବକଙ୍କୁ ଛୁରାମାଡ଼

**ଦେବଗଡ଼, ୨୨।୩(ସମିସ):** ଜଙ୍ଗଲ ପୂଜା ସମୟରେ ମାଂସ ଭାଗବଣ୍ଟାକୁ କେନ୍ଦ୍ରକରି ବାରକୋଟ ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ସେହି ଗ୍ରାମର ଅନ୍ୟ ଜଣେ ଯୁବକ ଛୁରାମାଡ଼ କରି ଫେରାର ହୋଇଯାଇଛି। ଅନ୍ୟପକ୍ଷରେ ଛୁରାମାଡରେ ଗୁରୁତର ଆହତ ଯୁବକ ଜଣକ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧିନ ଥିବା ଜଣାପଡ଼ିଛି। ଛୁରାମାଡରେ ଆହତ ଯୁବକ ଜଣକ ହିମାଦ୍ରୀ ପ୍ରଧାନ(୪୯) ବୋଲି ଜଣାପଡ଼ିଛି। ଏନେଇ ବାରକୋଟ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଆଜି ବାରକୋଟ ଥାନାଞ୍ଚଳ ବାସୁପାଲି ଗ୍ରାମର ଚଷା ସମାଜ ଓ ଦଳିତ ସମାଜର ୩୦ରୁ ୩୫ ପରିବାରର ଏକତ୍ରିତ ହୋଇ ଜଙ୍ଗଲ ପୂଜା କରିବା ନିମନ୍ତେ ନିକଟସ୍ଥ ଅଶୁରଖୋଲ ଗ୍ରାମକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୪ଟା ସମୟରେ ବାସୁପାଲି ଗ୍ରାମର ଦୁଃଖବନ୍ଧୁ ଗଡ଼ନାୟକଙ୍କ ପୁଅ ସୁଶାନ୍ତ ଗଡ଼ନାୟକ(୩୫) ନିଶାଶକ୍ତ ଅବସ୍ଥାରେ ସେଠାରେ ପହଞ୍ଚି ନିର୍ଦ୍ଦିଷ୍ଟ ଦଳିତ ସମ୍ପ୍ରଦାୟର ଲୋକଙ୍କୁ ଆକ୍ଷେପ କରି ସେମାନେ ୨ ଭାଗ ଲେଖାଏଁ ମାଂସ ଖାଇଦେଲେ ଓ ମାଂସ ସବୁ ଶେଷ ହୋଇଗଲା ବୋଲି ଅଭିଯୋଗ କରିଥିଲା। ଏହି କଥାକୁ ନେଇ ସୁଶାନ୍ତ ସହିତ ଉକ୍ତ ଗ୍ରାମର ଚୂଡାମଣି ପାତ୍ରଙ୍କର ଯୁକ୍ତିତର୍କ ହୋଇଥିଲା। ଚୂଡାମଣି ନମ୍ର ଭାବରେ ଖାଇବା ସ୍ଥାନରୁ ଉଠି ଚାଲିଯାଇଥିଲେ। ଏହି ସମୟରେ ହିମାଦ୍ରୀ ପ୍ରଧାନ(୪୯) ଶାନ୍ତି ଶୃଙ୍ଖଳାର ସହିତ ଭୋଗ ଖାଇ ନିଜ ନିଜ ଘରକୁ ଫେରିଯିବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ଏକଥା ଶୁଣି ସୁଶାନ୍ତ ହଠାତ ଉତ୍‌କ୍ଷିପ୍ତ ହୋଇ ହିମାଦ୍ରୀଙ୍କ ବେକକୁ ଛୁରୀରେ ଭୁଷି ହତ୍ୟା ଉଦ୍ୟମ କରି ସେଠାରୁ ଫେରାର ହୋଇଯାଇଥିଲା। ଉପସ୍ଥିତ ଲୋକେ ତାଙ୍କୁ ବାରକୋଟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ପରେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏନେଇ ଆହତ ହିମାଦ୍ରୀଙ୍କ ସ୍ତ୍ରୀ ସବିତା ପ୍ରଧାନ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

## ଝାରସୁଗୁଡ଼ା ବନଖଣ୍ଡ ପକ୍ଷରୁ 'ବିଶ୍ୱ ବନ ଦିବସ'

# ନିକ୍ତିମାଲ ପଞ୍ଚାୟତ ଓ ବାବୁଛିପିଡିହି ହାଇସ୍କୁଲ ସମ୍ବର୍ଦ୍ଧିତ

**ଝାରସୁଗୁଡ଼ା, ୨୨।୩ (ସମିସ):** ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନ ଝାରସୁଗୁଡ଼ା ବନଖଣ୍ଡ ପକ୍ଷରୁ ଶନିବାର ସ୍ଥାନୀୟ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ 'ବିଶ୍ୱ ବନ ଦିବସ-୨୦୨୬' ପାଳିତ ହୋଇଯାଇଛି। ପରିବେଶ ସୁରକ୍ଷା ଏବଂ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ପରିବେଶପ୍ରେମୀ ଯୋଗ ଦେଇଥିଲେ। ଝାରସୁଗୁଡ଼ା ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରହ୍ଲାଦ ନାୟକ, ଜିଲ୍ଲା ପରିବେଶ ସମିତିର ସଦସ୍ୟ ତ୍ରିନାଥ ଗୌଲ, ନରେଶ ନାୟକ, ସଚିନ୍ଦ୍ର ପଟେଲ, ବେଣୁଧର ଚୌଧୁରୀ ଏବଂ ଗୋବିନ୍ଦ ସକୁନିଆ ପ୍ରମୁଖ ଉପସ୍ଥିତ ଥିଲେ। ଝାରସୁଗୁଡ଼ା ବନଖଣ୍ଡ ଅଧିକାରୀ ବିଜୟ ପ୍ରଧାନ ଏବଂ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ମଧ୍ୟ ମଞ୍ଚାସୀନ ଥିଲେ। ୨୦୨୬ ବର୍ଷରେ ଉଲ୍ଲେଖନୀୟ ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟି କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ନିକ୍ତିମାଲ ପଞ୍ଚାୟତକୁ 'ସର୍ବଶ୍ରେଷ୍ଠ ପଞ୍ଚାୟତ' ଏବଂ ବାବୁଛିପିଡିହି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ 'ସର୍ବଶ୍ରେଷ୍ଠ ଶିକ୍ଷାନୁଷ୍ଠାନ' ଭାବେ ପୁରସ୍କୃତ କରାଯାଇଥିଲା। ନିକ୍ତିମାଲ ପଞ୍ଚାୟତର ସରପଞ୍ଚ ଏବଂ ବାବୁଛିପିଡିହି ହାଇସ୍କୁଲର ପ୍ରଧାନଶିକ୍ଷକଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।



# ଫିଫା କ୍ରୀଡା ଛାତ୍ରାବାସରେ ପ୍ରଶିକ୍ଷଣ ନେବେ ଅନିଶ

**ଝାରସୁଗୁଡା, ୨୨।୩(ସମିସ):** ଝାରସୁଗୁଡ଼ା ୧୪ ବର୍ଷ ବୟସ ସବ୍‌ଜୁନିୟର ଫୁଟବଲ ଗ୍ରୁପର ସଦସ୍ୟ ତଥା ଏକାତାଲି ଉଚ୍ଚ ବିଦ୍ୟାଳୟର ଛାତ୍ର ଅନିଶ କୁମାର ବେସନ ମୁଖ୍ୟମନ୍ତ୍ରୀ କ୍ରୀଡ଼ା ପ୍ରତିଭା ଚୟନରେ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଉନ୍ନତ ମାନର ଖେଳ ପ୍ରଦର୍ଶନ କରିଥିଲେ। ଫଳରେ ଫୁଟବଲ ଆସୋସିଏସନ ଚୟନ କର୍ତ୍ତାମାନେ ଅନିଶଙ୍କୁ ଓଡ଼ିଶା ସରକାର ଅଧିନସ୍ତ ଫିଫା ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସରେ ପ୍ରଶିକ୍ଷଣ ନେବା ପାଇଁ ଶନିବାର ମନୋନୀତ କରିଛନ୍ତି। ଜିଲ୍ଲା ଫୁଟବଲ ସଂଘକୁ ଏନେଇ ଚିଠି ପ୍ରେରଣ କରିଛନ୍ତି। ଚିଠି ହସ୍ତଗତ ହେବା ପରେ ପୁରାତନ ଓଡ଼ିଶା ଦଳର ଫୁଟବଲ ଖେଳାଳି ଭଗବାନ ଡିଲା, ରାମବିଳାସ ବିଶ୍ୱକର୍ମା ପ୍ରକାଶ ଡିଲା ଓ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଜ୍ଞଳ କୁମାର ପଟେଲ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



# ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

**ଭବାନୀପାଟଣା, ୨୨।୩ (ସମିସ):** ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ (ୟୁପିଏମ୍‌ଏସ)ର ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ରୁପ୍ରାରୋଡର ବରିଷ୍ଠ ଆଇନଜୀବୀ ସୁବାସ ଅଗ୍ରୱାଲ। ନିକଟରେ ସମ୍ବଲପୁର ଠାରେ ଆୟୋଜିତ ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନର ଶିଖର-୨୦୨୬ ପ୍ରାନ୍ତିୟ ଅଧିବେଶନରେ ସେ ନୂତନ ଅଧ୍ୟକ୍ଷ ଭାବେ ଶପଥପାଠ କରିଥିଲେ। ତେବେ ଅଖିଳ ଭାରତୀୟ ମାରୱାଡି ସମ୍ମେଳନ ରୁପ୍ରାରୋଡ ଶାଖା, ମାରୱାଡି ଯୁବା ମଞ୍ଚ, ମହିଳା ମଣ୍ଡଳ ଶାଖା ତଥା ରୁପ୍ରାରୋଡ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆଜି ରୁପ୍ରାରୋଡସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଦୀପ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ସମ୍ମାନିତ ଅତିଥି ଭାବେ କେସିଙ୍ଗା ମାରୱାଡି ସମ୍ମେଳନ ଶାଖାର ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ ଓ ସମ୍ପାଦକ ମୁକେଶ ଜୈନ, ଭବାନୀପାଟଣା ଶାଖାର ଦୀପକ ଗୁପ୍ତା, ସଞ୍ଜୟ ଅଗ୍ରୱାଲ, ଟିଟିଲାଗଡ଼ ଶାଖାର ରାଜେଶ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମାରୱାଡି ସମ୍ମେଳନ ରୁପ୍ରାରୋଡ ଶାଖା, ମାରୱାଡି ଯୁବାମଞ୍ଚ, ମହିଳା ସମ୍ମେଳନ ସମେତ ଗୁଜୁରାତି ସମାଜ ରୁପ୍ରାରୋଡର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାମାନେ ସମ୍ମେଳନର ନୂତନ ଅଧ୍ୟକ୍ଷ ସୁବାସ ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଗଣେଶ ରାମ ଖେତାନ ମଞ୍ଚ ପରିଚାଳନା କରିଥିବାବେଳେ ରୁପ୍ରାରୋଡ ମାରୱାଡି ସମ୍ମେଳନ ରୁପ୍ରାରୋଡର ସମ୍ପାଦକ ସୁମିତ କୁମାର ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।



# କୁପୋଷଣ ମୁକ୍ତ ସମାଜ ଗଠନକୁ ଗୁରୁତ୍ୱ

**ଝାରସୁଗୁଡ଼ା, ୨୨।୩ (ସମିସ):** ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ସମନ୍ୱିତ ଶିଶୁ ବିକାଶ ସେବାର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।



## ଆଇସିଡିଏସ୍ ମାସିକ ସମୀକ୍ଷା ବୈଠକ

ବୈଠକରେ ଜିଲ୍ଲାରେ ଶିଶୁ ଏବଂ ଗର୍ଭବତୀ ମହିଳାମାନଙ୍କୁ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟ ଓ ପୋଷଣ ସେବାର ସ୍ଥିତି ଉପରେ ବିସ୍ତୃତ ଆଲୋଚନା କରାଯାଇଛି। 'ପୋଷଣ ଟ୍ରାକର' ଆପ୍‌ର ବ୍ୟବହାରକୁ ଅଧିକ କ୍ରିୟାଶୀଳ କରିବା ସହ ସମସ୍ତ ଆଙ୍ଗନବାଡି କେନ୍ଦ୍ରର ତଥ୍ୟକୁ ରିଅଲ୍-ଟାଇମ୍ ଭିତ୍ତିରେ ଅପଡେଟ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୬ ବର୍ଷରୁ କମ୍ ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କର ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। କୁପୋଷିତ (ଏସ୍‌ଏଏମ୍ ଓ ଏମ୍‌ଏଏମ୍) ଶିଶୁମାନଙ୍କର ସ୍ୱତନ୍ତ୍ର ଟ୍ରାକିଂ ଏବଂ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସେବାର ଗୁଣାତ୍ମକ ମାନ ବୃଦ୍ଧି ଉପରେ ଜୋର ଦିଆଯାଇଛି। ମିଶନ ସକ୍ଷମ ଅଙ୍ଗନବାଡି ଓ ପୋଷଣ ୨.୦ ନିର୍ଦ୍ଦେଶାବଳୀ ଅନୁସାରେ କୁପୋଷଣ ଦୂର କରିବା ପାଇଁ ରିଅଲ-ଟାଇମ ତଥ୍ୟ ଭର୍ତ୍ତି ଓ ବୃଦ୍ଧି ନିରୀକ୍ଷଣ (ଓଜନ ମାପ) ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କୁହାଯାଇଛି। ଏହାସହ ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ହିତାଧିକାରୀମାନଙ୍କୁ ସମୟାନୁସାରେ 'ଟେକ୍ ହୋମ୍ ରାସନ୍' ବଣ୍ଟନ ଏବଂ ଟୀକାକରଣ ନିଶ୍ଚିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କୁପୋଷିତ (ଏସ୍‌ଏଏମ୍ ଓ ଏମ୍‌ଏଏମ୍) ଶିଶୁମାନଙ୍କର ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ କରିବା ସହ ସେମାନଙ୍କର ଶାରୀରିକ ଓ ମାନସିକ ବିକାଶ ପାଇଁ ଅଧିକ ସମ୍ବେଦନଶୀଳ ହେବା ଆବଶ୍ୟକ ବୋଲି ପରାମର୍ଶ ଦିଆଯାଇଛି। ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ପିଓ-କମ୍-ପିଓ, ପିଓ ସଦର, ଡିସି ହବ, ଡିସି ମମତା, ଲେଡି ସୁପରଭାଇଜର ଏବଂ ସମସ୍ତ ବ୍ଲକର ସିଡିପିଓ ମାନେ ଉପସ୍ଥିତ ଥିଲେ।

## ପ୍ରଶାସନ ପକ୍ଷରୁ ଝାରସୁଗୁଡ଼ା ସ୍ୱଚ୍ଛତା ଅଭିଯାନ

# ଶିଳ୍ପସଂସ୍ଥାକୁ ସଫେଇ ଓ ଜାତୀୟ ରାଜପଥ ରକ୍ଷଣାବେକ୍ଷଣ ଦାୟିତ୍ୱ

ଝାରସୁଗୁଡ଼ା, ୨୨।୩(ସମିସ)

ଜିଲ୍ଲା ପ୍ରଶାସନ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାରେ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲାର ୧୨ଟି ପ୍ରମୁଖ ଶିଳ୍ପ ଓ ଖଣି ସଂସ୍ଥାକୁ ବିଭିନ୍ନ ରାସ୍ତାର ସଫେଇ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି କ୍ରମରେ

## ୧୫ ଦିନରେ ଜିଲ୍ଲାପାଳଙ୍କୁ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ

ଝାରସୁଗୁଡ଼ା ପୌରପାଳିକା ପକ୍ଷରୁ ବଡ଼ମାଲ ବଜାର ଅଞ୍ଚଳରେ ଏକ ବ୍ୟାପକ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ବଡ଼ମାଲ ବଜାର ଅଞ୍ଚଳ ପୌରପାଳିକା ସୀମା ବାହାରେ ଥିଲେ ମଧ୍ୟ ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ପରାମର୍ଶ କ୍ରମେ ଏହି ଆଖପାଖ ଅଞ୍ଚଳକୁ ସମ୍ପୂର୍ଣ୍ଣ ସଫା କରାଯାଇଛି। ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ନୂତନ ନିର୍ଦ୍ଦେଶାନୁସାରେ, ଏସ୍‌ଏଚ୍-୧୦, ଏନ୍‌ଏଚ୍-୪୯ ଏବଂ ଅନ୍ୟାନ୍ୟ ମୁଖ୍ୟ ରାସ୍ତାର ପ୍ରାୟ ୮୪ କିଲୋମିଟର ପରିମିତ ଅଞ୍ଚଳକୁ ବିଭିନ୍ନ କମ୍ପାନୀଗୁଡ଼ିକ ମଧ୍ୟରେ ବଣ୍ଟନ କରାଯାଇଛି। ଏଥିମଧ୍ୟରେ ଏସ୍‌ଏମ୍‌ସିକୁ ଖେରୁଆଲରୁ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ୫ କିଲୋମିଟର, ବେଦାନ୍ତକୁ ବିଜୁ ପଟ୍ଟନାୟକ ଛକରୁ ସରବାହାଲ ହୋଇ ପ୍ରସନ୍ନ ପଣ୍ଡା ଛକ ପର୍ଯ୍ୟନ୍ତ ୬ କିଲୋମିଟର, ଏଲ୍‌ଏନ୍ ମେଟାଲିକ୍ସକୁ ପ୍ରସନ୍ନ ପଣ୍ଡା ଛକରୁ ପଞ୍ଚପଡ଼ା ଛକ ପର୍ଯ୍ୟନ୍ତ ୧.୪ କିଲୋମିଟର ଏବଂ ଟିପିଏସ୍‌ଏଲ୍ ଲହଣ୍ଡାବୁଡ଼କୁ ପଞ୍ଚପଡ଼ା ଛକରୁ ସର୍କିଟ ହାଉସ ଛକ ପର୍ଯ୍ୟନ୍ତ ୩ କିଲୋମିଟର ରାସ୍ତା ସଫେଇ ଦାୟିତ୍ୱ ଦିଆଯାଇଛି। ସେହିପରି ଆଇଓସିଏଲ୍ ଓ ଅଲ୍ଟ୍ରାଟେକ୍‌କୁ ଏସ୍‌ପି ଅଫିସ ଛକରୁ ଯଥାକ୍ରମେ ତାଳପଟିଆ ଓ ଧୁତୁରା ଛକ ପର୍ଯ୍ୟନ୍ତ ଦାୟିତ୍ୱ ଦିଆଯାଇଥିବା ବେଳେ ଟିଆର୍‌ଏଲ୍-କ୍ରୋସାକୀ ଓ ଏମ୍‌ସିଏଲ୍ ଲଖନପୁର ଏରିଆକୁ ଶିବ ମହିମା ଛକରୁ ଗୋବିନ୍ଦପୁର ଟୋଲ ପ୍ଲାଜା ପର୍ଯ୍ୟନ୍ତ ପ୍ରାୟ ୨୨ କିଲୋମିଟର ରାସ୍ତା ସଫା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ଓଏମ୍‌ପିଏଲ୍‌କୁ ଗାନ୍ଧୀ ଛକରୁ ପ୍ରସନ୍ନ ପଣ୍ଡା ଛକ, ଏମ୍‌ସିଏଲ୍ ଆଇବି ଭେଲିକୁ ଗାନ୍ଧୀ ଛକରୁ ଶିବ ମହିମା ଛକ ଏବଂ ଓପିଜିସିକୁ ମୁଚବାହାଲ ଛକରୁ ବନହରପାଲି ଛକ ଓ ଜେଏସଡବ୍ଲ୍ୟୁ- ଏନାର୍ଜୀ ଉତ୍କଳକୁ ବନହରପାଲି ଛକରୁ ଧୁନଧୁନ ଛକ ପର୍ଯ୍ୟନ୍ତ ଦାୟିତ୍ୱ ଦିଆଯାଇଛି। ସୂଚନା ଅନୁସାରେ, ପ୍ରତ୍ୟେକ କମ୍ପାନୀ ସେମାନଙ୍କ ନିର୍ଦ୍ଧାରିତ ଅଞ୍ଚଳରେ ଯାନ୍ତ୍ରିକ ଓ ମାନବିକ ପଦ୍ଧତିରେ ନିୟମିତ ଭାବେ 'ଡି-ଡଷ୍ଟିଂ' ବା ଧୂଳି ସଫେଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ୧୫ ଦିନରେ ଜିଲ୍ଲାପାଳଙ୍କ ନିକଟରେ ରିପୋର୍ଟ ଦାଖଲ କରିବାକୁ ଶିଳ୍ପ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଯେକୌଣସି ଅବହେଳା ପାଇଁ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।



